# ତହସିଲଦାର କାର୍ଯ୍ୟାଳୟ,ଡମପଡା,କଟକ

## ମତ୍ସ୍ୟଦିଆ ଉତ୍ସର ବାର୍ଷିକ ଲିଜ ନିମନ୍ତେ

## ନିଲାମ ଇସ୍ତାହାର

ବିଜ୍ଞାପନ ନଂ ୨୨୬୨ (ତଉଜି) : ତାରିଖ : ୩୦-୬-୧୮

ଏତଦ୍ବାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ 2018-19 ଆର୍ଥିକ ବର୍ଷ ନିମନ୍ତେ ଡମପଡା ତହସିଲ ଅଧିନସ୍ଥ ନିମ୍ନ ମତ୍ସ୍ୟଦିଆ ଉତ୍ସଟିକୁ ଆସନ୍ତା ତା 11.07.2018 ରିଖ ଦିବା 11 ଘଟିକା ଠାରୁ ତହସିଲଦାର ଡମପଡାଙ୍କ କାର୍ଯ୍ୟାଳୟ ରେ ପ୍ରକାଶ୍ୟରେ ନିଲାମ କରାଯିବା ପାଇଁ ସ୍ଥିରିକୃତ ହୋଇଅଛି । ଏଣୁ ନିଲାମରେ ଅଂଶ ଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟରେ ଦଶ ପ୍ରତିଶତ ଅମାନତ ତହସିଲଦାର ଡମପଡା ସପକ୍ଷରେ Demand Draft କିମ୍ବା Banker Cheque Payable at S.B.I. Banki Branch ଦରଖାସ୍ତ ସହ ସଲଗ୍ନ କରି ସାଧାକାଗଜରେ ନିଜ ନାମ ଠିକଣା ସହିତ ଦରଖାସ୍ତକାରୀଙ୍କ ପରିଚୟ ପତ୍ର ସୈରାତ ଉତ୍ସର ନାମ ଏବଂ ଉତ୍ସଟିକୁ କେତେଟଙ୍କାରେ ନିଲାମ ନେବାକୁ ଚାହାଁନ୍ତି ଉଲ୍ଲେଖ କରି ନିଜର ଦରଖାସ୍ତ ସହିତ ଜଉମୁଦ ଲଫାଫାରେ ତହସିଲଦାର ଡମପଡାଙ୍କ କାର୍ଯ୍ୟାଳୟ ସିଲ ଟେଣ୍ଡର ବାକ୍ସରେ ପକାଇବେ ଅଥବା ରେଜିଷ୍ଟ୍ରି ଡାକ (କୋରିଅର) ଯୋଗେ ମଧ ଉକ୍ତ ଅଫିସ ଠିକଣାରେ ପଠାଇପାରିବେ ,ଯାହା ନିଲାମ ଧାର୍ଯ୍ୟ ତାରିଖର ପୂର୍ବ କାର୍ଯ୍ୟାଳୟ ଦିବସର ଅପରାହ୍ନ ୫ ଘଟିକା ପୂର୍ବରୁ ପହଁଚିବା ଆବଶ୍ୟକ । ଧାର୍ଯ୍ୟ ସମୟ ପରେ ଦରଖାସ୍ତ ଗୁଡିକୁ ଗ୍ରହଣ କରାଯିବ ନାହିଁ । ଜଉମୁଦ ଲଫାଫା ଉପରେ ସୈରାତ ଉତ୍ସର ନାମ ସ୍ପଷ୍ଟ ଭାବେ ଲେଖାଥିବା ଦରକାର । ଧାର୍ଯ୍ୟ ତାରିଖ ଓ ସମୟରେ ଟେଣ୍ଡର ପେପର ଖୋଲାଯିବା ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ସାମୟିକ ଭାବରେ ନିଲାମ ଧାର୍ଯ୍ୟ କରାଯିବ । ଟେଣ୍ଡର ପେପର ଖୋଲାଯିବା ସମୟରେ ଟେଣ୍ଡର ପକାଇଥିବା ପ୍ରାର୍ଥୀମାନେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଉପସ୍ଥିତ ରହିବାକୁ ଅନୁରୋଧ । ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତି ସମସ୍ତ ଅର୍ଥ ଏକାକାଳିନ ପଇଠ କରିବେ । ପ୍ରକାଶ ଥାଉକି ପ୍ରଥମ ପ୍ରର୍ଯ୍ୟାୟରେ ଏହି ମତ୍ସ୍ୟଦିଆ ଉତ୍ସଟି ନିଲାମ ହୋଇନପାରିଲେ ତାହା ଦ୍ୱିତୀୟ ଥର ତା 20.07.2018 ରିଖରେ ଦିବା ୧୧ ଘଣ୍ଟା ଠାରୁ ଏବଂ ତୃତୀୟ ଥର ତା 27.07.2018 ରିଖ ଦିବା ୧୧ ଘଣ୍ଟା ସମୟରେ ନିଲାମ କରାଯିବ । ପ୍ରକାଶ ଥାଉକି କୌଣସି କାରଣ ନଥିଇ କର୍ତ୍ତୃପକ୍ଷ ସର୍ବୋଚ୍ଚ ନିଲାମକୁ ରଦ୍ଦ କିମ୍ବା ସ୍ଥଗିତ କରିପାରିବେ । ଏହି ନିଲାମ ବିଜ୍ଞାପନ ଖର୍ଚ୍ଚ ନିଲାମ ଗ୍ରହିତା ମାନଙ୍କ ଦ୍ୱାରା ଅନୁପାତିତ ଭାବେ ଦେୟ ହେବ ।

ଏହି ଇସ୍ତାହାର ର ସବିଶେଷ ବିବରଣୀ ଜିଲ୍ଲା ୱେବସାଇଟ www.cuttack.nic.in ରେ ମଧ ଉପଲବ୍ଧ ।

### ମତ୍ସ୍ୟଦିଆ ସୈରାତ ଉତ୍ସର ବିବରଣୀ

| କ୍ର ନଂ | କେସ ନଂ | ଉତ୍ସର ନାମ | ଜମିର ବିବରଣୀ | | | | ଧାର୍ଯ୍ୟ ମୂଲ୍ୟ |
|---|---|---|---|---|---|---|---|
| | | | ମୌଜା | ଖାତା | ପ୍ଲଟ | ରକବା | |
| ୧ | 4/18-19 | ରଣନଦୀ ମତ୍ସ୍ୟଦିଆ ତାଳବସ୍ତ ଡୁଠଠାରୁ ଇନ୍ଦ୍ରିବିଲିଆ | ତାଳବସ୍ତ | ୨୫୧୯ | ୯୩୪୮<br>୯୩୪୯<br>୯୩୫୦ | ଏ ୩.୭୦<br>ଏ ୩.୦୦<br>ଏ ୧.୭୨ | ଟ 52,100/- |

୩୦।୬।୧୮

ତହସିଲଦାର,ଡମପଡା

ପରିପତ୍ର ସଂଖ୍ୟା ୧୧୮୭ ତା: ୩୦-୨-୧୮

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ବାଙ୍କୀ/ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ବାଙ୍କୀ-ଡମପଡା ବ୍ଲକ / ଡେପୁଟି କଲେକ୍ଟର ନିଜାରତ,କଟକ / ସିଡିପିଓ ବାଙ୍କୀ-ଡମପଡା /ତାଲବସ୍ତ ଗ୍ରାମପଞ୍ଚାୟତ ଓ ଉକ୍ତ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଅବଗତି ଓ ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ଡମପଡା